ଦୁର୍ବାସାଙ୍କ ହସ୍ତିନା ଗମନ, ତାଙ୍କ ବରରେ ଗାନ୍ଧାରୀଙ୍କର ପୁନର୍ବାର ଏକ ପୁତ୍ର ଓ କନ୍ୟା ଜନ୍ମ

ଭାଦ୍ରବ ଶୁକ୍ଳ ଯେ ଅଷ୍ଟମୀର ହାଦେ ଦିନ
ଦୁର୍ଭାସା ମହରଷିୟେ ହସ୍ତିନାକୁ ଗବନ । ୧ ।
ଗାନ୍ଧାରୀ ସ୍ନାହାନ କରି ଆସଇ ଯମୁନା ନଦୀ ତୀରେ
ୟେମନ୍ତ ସମୟେ ଯାଇ ପ୍ରବେଶ ଦୁର୍ଭାସା ମୁନିବରେ । ୨ ।
ଦୁର୍ଭାସାଙ୍କୁ ଦେଖିଣ ଯେ ପ୍ରଣପତ୍ୟ ଗାନ୍ଧାରୀ
ଆଶିଷ୍ୟ ବାଞ୍ଛା ତାକୁ କଲେ ବ୍ରହ୍ମଚାରୀ । ୩ ।
ଗାନ୍ଧାରୀ ବୋଇଲେ ତୁମ୍ଭେ ପ୍ରତକ୍ଷେ ବ୍ରହ୍ମବେତ୍ତା
କେଉଂଣ ଲକ୍ଷଣେ ତୁମ୍ଭଙ୍କୁ ଭଗତି ହୋଇଲେ କୋଇନ୍ତା । ୪ ।
ଦୁର୍ଭାସାୟେ ବୋଇଲେ ଆଉ ଇଚ୍ଛା ଯେବେ ତୋହୋର
ହୋଇବ ପ୍ରାପତ ତୋତେ ମାଗୁ କିନା ବର । ୫ ।
ମହାମନ୍ତ୍ର ଆମ୍ଭେ ଦେଇ ନ ପାରୁଂ ହାଦେ ଯାଚି
ମାଗ ତୋହୋର ଇଚ୍ଛା ଯେଣେ ତୋତେ ରୁଚି । ୬ ।
------------
୧ ।୨ ଗବନ-ଗମନ

ଗାନ୍ଧାରୀ ବୋଇଲେ ମୁନି ହେ ତୁମ୍ଭର ମନ୍ତ୍ରବଳେ
ଶତପୁତ୍ର ପାଇଲି ମୁଂ କର୍ମର ସୁଫଳେ । ୭ ।
ପୁତ୍ରନ୍ତ କୋଳେ ଧରି ବୋଇଲେ ବ୍ୟାସ ତପନିଷ୍ଠ
ସଜ୍ଜନ ନୁହନ୍ତି ପୁତ୍ର ତୋହୋର ସମସ୍ତେ ମହାଦୁଷ୍ଟ । ୮ ।
ଅବିଚାରେ ବାଞ୍ଛା କଲୁ ଧୃତରାଷ୍ଟ ରାଣୀ
ରାଜ୍ୟକୁ କେହି ତୋହୋର ନୋହିବେ କାରେଣି । ୯ ।
ଗାନ୍ଧାରୀ ବୋଇଲେ ମୋତେ ଅନୁଗୃହ କରିବା
ବଂଶକୁ କାରଣ କରିବା ମୋତେ ଗୋଟିୟେ ପୁତ୍ର ଦେବା । ୧୦ ।
ଆବର ଦେବା ମୋତେ ଦୋହିତା ଗୋଟିୟେ
ଭଗତି ଘେନି ମହାତ୍ମା ମୋତେ କରିବା ସଦୟେ । ୧୧ ।
ଗାନ୍ଧାରୀ କଟାକ୍ଷ କଲେ ଯମୁନା ନଦୀ କୂଳେ
ଦେଖ ହୋ ମହାତମା ଦୁର୍ଭାସାଙ୍କର ମନ୍ତ୍ର ବଳେ । ୧୨ ।
ସନ୍ତତି ଜାତ କର ବୋଲି ରାମ ଯେ ତୁଳସୀ
ତହୁଂ ଫୁଲ ଗୋଟିୟେ ପତ୍ର ଗୋଟିୟେ ତୋଳିଲେ ମହରଷି । ୧୩ ।
ୟେହା ଆୟି ଆପ୍ୟାନ ତୁ କରସି ଗାନ୍ଧାରୀ
ପଣ୍ଡିତ ପୁତ୍ରେକେ ପାଇବୁ କନ୍ୟା ସୁନ୍ଦରୀ ସୁକୁମାରୀ । ୧୪ ।
କମଣ୍ଡଳୁ ପାଣି ଚଳୁ ୟେକ ଦିଲେ ପତନିଷ୍ଠି
ଗାନ୍ଧାରୀ ଗର୍ଭଗତ କଲା ହୋଇଣ ମହାତୁଷ୍ଟି । ୧୫ ।
ରଷିଙ୍କର ମହାମନ୍ତ୍ର ଅନ୍ତର ନୋହିଲା
ପୁତ୍ରେକ ଦୁହିତାୟେ ତାର ଗର୍ଭରେ ରହିଲା । ୧୬ ।
ମହାମନ୍ତ୍ର ଦେଇ କରି ଗଲେ ଯେ ଦୁର୍ଭାସା
ଗାନ୍ଧାରୀ ଶରୀର ଯେ ହୋଇଲା ମହା ଅଳସା । ୧୭ ।
ଧୃତରାଷ୍ଟ ପୁଚ୍ଛାକଲେ ଶୁଣ ଗୋ ଗାନ୍ଧାରୀ
ଉଦର ଆଉଂଶି ବୋଇଲେ ତୁ ତ ହୋଇଲୁ ଗର୍ଭଭାରି । ୧୮ ।
ଗାନ୍ଧାରୀ ବୋଇଲେ ଦୁର୍ଭାସାୟେ ଦୟା କଲେ ମୋତେ
ଗର୍ଭେ ପୁତ୍ର ଦୁହିତା ରହିଲେ ରଷିଙ୍କର ମନ୍ତ୍ରେ । ୧୯ ।
ଶୁଣିଣ ବିରସ ହୋଇଲେ ଧୃତରାଷ୍ଟ
ଅପାର କୁଟୁମ୍ବେ ବହୁତ ଅଛି କଷ୍ଟ । ୨୦ ।

---------

୧୩ ।୧  ରାମ ତୁଳସୀ-ଧଳା ତୁଳସୀ

ଗାନ୍ଧାରୀ ବୋଇଲେ ସେ ଅଟନ୍ତି ଅଜାତି
ପରମ ପଣ୍ଡିତ ପୁତ୍ର ହୋଇବ ଯେ ଘାନ୍ତି । ୨୧ ।
ଧନୁ ଶୁକଳ ପକ୍ଷ ଯେ ତ୍ରୟୋଦଶୀ ଦିନ
ସଉରିବାର ନକ୍ଷତ୍ର ମୃଗୁଶିରା ମିଥୁନ । ୨୨ । horoscope
ବେଳ ମଧ୍ୟ ସ୍ଥାନେ ବିଜୟେ ଦିନକର
ଶୁଭ ଲଗ୍ନ ଯୋଗେ ଉତପତ୍ତି ହୋଇଲା କୁମର । ୨୩ ।
ଗାନ୍ଧାରୀ ଦେଖଇଲା ବତିଶ ଗୁଣେ ସୁସଞ୍ଚ
ସେ ପୁତ୍ରର ନାମ ଦିଲେଟି ଦୁରୁଦଛ । ୨୪ । ସଂଖ୍ୟା
ତାହାକୁ ଗୋଡାଇ ଯେକ ଦୋହିତାୟେ ହୋଇଲା
ସୁନ୍ଦର ପଣ ଦେଖିଣ ଗାନ୍ଧାରୀ ଦୃଶିଲା ନାମ ଦିଲା । ୨୫ ।
ଦୃଦକ୍ଷ ଦୃଶିଲା ଉତପତ୍ତି ହୋଇଲେକ ବେନି
ଅନେକ ହରଷ ଯେ ଗାନ୍ଧାରସେନର ନନ୍ଦନୀ । ୨୬ ।
ୟେମନ୍ତ ଧୃତରାଷ୍ଟ୍ରର ୟେକ ଉତ୍ତର ଶତେପୁତ୍ର
ଦୃଶିଲା ନାମ ହୋଇଲା ୟେକହିଂ ଦୋହିତ । ୨୭ ।
ଦୁର୍ଭାସାଙ୍କର ମନ୍ତ୍ରେ ଯେ ସନ୍ତାନ ହୋଇଲା
ଦୁ ଅକ୍ଷରେ ଧୃତରାଷ୍ଟ ସବୁରି ନାମ ଦିଲା । ୨୮-୨୮୬୮ ।

----------

୨୪ ।୨  ଦୁରୁଦଛ-ଦୁରୁଦକ୍ଷ-(ଅତିଶୟ ଦକ୍ଷ ଅର୍ଥରେ) ଯଥା ଦୁରୁବଳ
୨୫ ।୨   ଦୃଶିଲା-ଦେଖିବାର ଯୋଗ୍ୟା

*************